# Akashvani, Sambalpur

# SAMBALPURI NEWS BULLETIN

## 24 May 2024- 6.47- 6.52 am.

******************************************

ଦେଶ- ଭୋଟ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶର୍ ୬ ନମ୍ବର୍ ଖେପ୍ ଆଉ ରାଜ୍ୟର୍ ୩ ନମ୍ବର୍ ଖେପ୍ ନିର୍ବାଚନ୍ ଲାଗି ଆଏବା କାଏଲ୍ ଭୋଟ୍ ହେବା । ଇଥିର୍‌ଲାଗି ଗଲାକାଏଲ୍ ବେଲ୍‌ବୁଡ଼େ ପ୍ରଚାର୍ କାମ୍ ସରିଛେ । ରାଜ୍ୟର୍ ସମ୍ବଲ୍‌ପୁର୍, ଢେଙ୍କାନାଲ୍, କେନ୍ଦୁଝର୍, କଟକ୍, ଭୁବ୍‌ନେଶ୍ୱର୍ ଆର୍ ପୁରୀ ଲୋକ୍‌ସଭା ଆସନ୍ ଆର୍ ହେତାର୍ ଅଧୀନ୍‌ଥି ଥିବା ୪୨ ଟା ବିଧାନ୍‌ସଭା ଆସନ୍ ଲାଗି ଆଏବା କାଏଲ୍ ସଖାଲର୍ ୭ ବଜେନୁ ଭୋଟ୍ ହେବା । ଇଥି ଲୋକ୍‌ସଭା ଆସନ୍ ଲାଗି ମୋଟ୍ ୬୪ ଝନ୍ ପ୍ରାର୍ଥୀ ଆର୍ ବିଧାନ୍‌ସଭା ଆସନ୍ ଲାଗି ୩ ଶହ ୮୩ ଝନ୍ ପ୍ରାର୍ଥୀ ନିର୍ବାଚନ୍ ଲଢୁଛନ୍ । ଇ ଖେପେ ଓଡ଼ିଶା ନ ମୋଟ୍ ୯୪ ଲାଖ୍ ୪୮ ହଜାର୍ ୫ ଶହ ୫୩ ଝନ୍ ଭୋଟର୍ ନିଜର୍ ମତାଧିକାର୍ ସାବ୍ୟସ୍ତ କର୍‌ବେ । ଇଥିର୍‌ଲାଗି ୧୦ ହଜାର୍ ୫ ଶହ ୧୫ ଟା ପୁଲିଂ ବୁଥ୍ କରାଯାଇଛେ ବଲି ରାଜ୍ୟ ମୁଖ୍ୟ ନିର୍ବାଚନ୍

ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସାମ୍ବାଦିକ୍ ସମ୍ମିଳନୀରୁ ସୂଚ୍ନା ଦେଇଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ଇ ଖେପେ ୨ ଦଶ୍ମିକ୍ ୫ ପ୍ରତିଶତ୍ ମତଦାତା ପହେଲାଥର୍ ଲାଗି ଭୋଟ୍ ଦେବେ ।

ସେନ୍ତା ଇ ଖେପ୍ରୁ ଓଡ଼ିଶା ସହେତେ ଦେଶର୍ ବିହାର୍, ହରିଆଣା, ଝାର୍ଖଣ୍ଡ, ଉତର୍ପ୍ରଦେଶ୍, ପଶ୍ଚିମବଙ୍ଗ୍, ଦିଲ୍ଲୀ ଆର୍ ଜମ୍ମୁ କଶ୍ମୀର୍ର ୫୮ ଟା ଲୋକ୍ସଭା ଆସନ୍ ଲାଗି ଭୋଟ୍ ନିଆଯିବା ।

୩ ନମ୍ବର୍ ଖେପ୍ ନିର୍ବାଚନ୍-ମୁଖ୍ୟ ନିର୍ବାଚନ୍ ଅଧିକାରୀ

ଆର୍ଏନ୍ୟୁ /ସମ୍ବଲପୁର

ରାଏଜେ ଆଏବାକାଏଲ୍ ହେବାର୍କେ ଥିବା ୩ ନମ୍ବର୍ ଖେପ୍ ନିର୍ବାଚନ୍କେ ପୁରାପୁରି ସୁରକ୍ଷିତ୍ ଭାବେ କରାଯିବା ବଲି ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ । ମତଦାନ୍ ସମିଆରୁ ସୁରକ୍ଷା ଲାଗି ଶହେ ୨୧ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ ୭ ହଜାର୍ ପୋଲିଂ ଷ୍ଟେସନ୍ମାନ୍କେ ନିୟୋଜିତ୍ କରାଯାଇଛେ । ଭାରତୀୟ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ଅନ୍ମାନ୍ ଅନ୍ସାରେ ଆଏବା କାଏଲ୍ ଜବର୍ ଖରା

ହେବାର୍‌କେ ଥିବାର୍‌ନୁ ଫି’ ପୋଲିଂ କେନ୍ଦ୍ରମାନ୍‌କେ ଝନେ ଲେଖା ଆଶାକର୍ମୀ ରହେବେ । ଅଂଶୁଘାତ୍‌ର ଜରୁରୀ ଚିକିତ୍ସା ଲାଗି ସବୁ ପୋଲିଂ ଷ୍ଟେସନ୍ ମାନ୍‌କେ ଆଶୁ ଚିକିତ୍ସା ବ୍ୟବସ୍ଥା ଆଉ ଓଆର୍‌ଏସ୍ ମହଜୁଦ୍ ରଖାଯିବା ।  ମତଦାନ୍ କେନ୍ଦ୍ରମାନ୍‌କେ ଝନେ ଲେଖା ସେକ୍ଟର୍ ଅଫିସର୍ ଆର୍ ପାରାମେଡ଼ିକାଲ୍ ଷ୍ଟାଫ୍ ଜରୁରୀ ଉଷୋ ନେଇକରି ରହେବେ । ନିୟମିତ ବ୍ୟବଧାନ୍‌ଥି ଭ୍ରାମ୍ୟମାଣ ଚିକିତ୍ସା ଗାଡ଼ି ଜରୁରୀ ସ୍ୱାସ୍ଥ୍ୟସେବା ଲାଗି ଫି’ ବୁଥ୍‌କେ ଯିବା ବଲି ମୁଖ୍ୟ ନିର୍ବାଚନ୍ ଅଧିକାରୀ ସୂଚ୍‌ନା ଦେଇଛନ୍ ।

୫ ନମ୍ବର ଖେପ୍ ନିର୍ବାଚନ/ମତଦାନ ପରିସଂଖ୍ୟାନ

ଆର୍‌ଏନ୍‌ୟୁ/ସମ୍ବଲପୁର

ଦେଶେ ଗଲା ସୋମବାର ୨୦ ତାରିଖ ହେଇଥିବା ୫ ନମ୍ବର ଖେପ ଲୋକସଭା ନିର୍ବାଚନଥି ମୋଟ୍ ୬୨ ଦଶମିକ ୨ ପ୍ରତିଶତ ମତଦାନ ହେଇଛେ ବଲି ନିର୍ବାଚନ ଆୟୋଗଙ୍କର ସୂତ୍ରନୁ ଜନାପଡ଼ିଛେ । ଇଥି ୬୧ ଦଶମିକ ୪/୮ ପ୍ରତିଶତ୍ ପୁରୁଷ, ୬୩ ପ୍ରତିଶତ୍ ମହିଳା ଆର୍ ୨୧ ଦଶ୍‌ମିକ ୯/୬ ପ୍ରତିଶତ୍ ତୃତୀୟ ଲିଙ୍ଗ ଭୋଟର୍ ରହିଛନ୍ । ନିର୍ବାଚନ୍ ଆୟୋଗଙ୍କର୍ ସୂଚ୍‌ନା ଅନ୍‌ସାରେ ସବୁଠାନୁ ଅଏତ୍‌କା ପର୍ଶ୍ଚିମବଙ୍ଗ୍ ନ ୭୮ ଦଶମିକ୍

୪/୫ ପ୍ରତିଶତ୍ ଭୋଟ୍ ପଡ଼ିଥିବାର୍ ବେଳେ ବିହାର୍ ନ ସବୁନୁ କମ୍ ୫୬ ଦଶ୍ମିକ୍ ୭/୬ ପ୍ରତିଶତ୍ ଭୋଟ୍ ପଡ଼ିଥିଲା । ସେନ୍ତା ଓଡ଼ିଶା ନ ୭୩ ଦଶମିକ୍ ୫/ଶୂନ୍ ଭୋଟର୍ ଭୋଟ୍ ଦେଇଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଇ ଖେପେ ୬ ଟା ରାଜ୍ୟ ଆଉ ୨ ଟା କେନ୍ଦ୍ରଶାସିତ୍ ଅଂଚଲ୍ର ମୋଟ୍ ୪୯ ଟା ଲୋକସଭା ଆସନ୍ଥି ଭୋଟ୍ ହେଇଥିଲା ।

ପ୍ରଧାନ୍ମନ୍ତ୍ରୀ - ଓଡ଼ିଶା ଗସ୍ତ          ଆର୍ଏନ୍ୟୁ/ସମ୍ବଲପୁର

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୯ ତାରିଖ୍ ଦିନ ଓଡ଼ିଶା ଗସ୍ତଥି ଆସ୍ବେ । ଇ ଗସ୍ତ ସମିଆଥି  ପ୍ରଧାନ୍ମନ୍ତ୍ରୀ କେନ୍ଦ୍ରାପଡ଼ା ଆର୍ ବାଲେଶ୍ୱର୍ ନ ଦଲୀୟ ପ୍ରାର୍ଥୀମାନ୍କର୍ ଲାଗି ପ୍ରଚାର୍ କର୍ବେ ବଲି ରାଜ୍ୟ ବିଜେପି ନିର୍ବାଚନ୍ ପ୍ରଭାରୀ ବିଜୟପାଲ୍ ସିଂ ତୋମାର୍ ସୂଚ୍ନା ଦେଇଛନ୍ । ସେନ୍ତା  ବିଜେପିର ବରିଷ୍ଠ ନେତା ଆଉ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ଆଏବା ରଏବାର୍ ଦିନ ଓଡ଼ିଶା ଗସ୍ତ ନ ଆସିକରି ବାରିପଦା, ଚାନ୍ଦବାଲି ଆଉ ନିମାପଡ଼ା ନ ଦଲୀୟ ପ୍ରାର୍ଥୀଙ୍କର୍ ଲାଗି ପ୍ରଚାର୍ କର୍ବାର୍ କାର୍ଯ୍ୟକ୍ରମ୍ ରହିଛେ ।
ସେଆଡ଼େ କଂଗ୍ରେସ୍ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍ଗେ ଆର୍ ଦଲର୍ ବରିଷ୍ଠ ନେତା ରାହୁଲ୍ ଗାନ୍ଧୀ ଭିଲ୍ ଦଲୀୟ ପ୍ରାର୍ଥୀଙ୍କର୍ ପ୍ରଚାର୍

ଲାଗି ଆଏବା ହପ୍ତା ଓଡ଼ିଶା ଗସ୍ତ ନ ଆସ୍‌ବେ ବଲି ଜନାପଡ଼ିଛେ । ଇ ସମିଆଥି ବାଲେଶ୍ୱର୍ ଆର୍ ଭଦ୍ରକ୍ ନ ହେବାର୍‌କେ ଥିବା ଜନସଭାଥି ଦଲୀୟ ପ୍ରାର୍ଥୀଙ୍କର୍ ଲାଗି ପ୍ରଚାର୍ କର୍‌ବେ ।

ମୁଖ୍ୟମନ୍ତ୍ରୀ- ପ୍ରଚାର୍ ଆର୍‌ଏନ୍‌ୟୁ /ସମ୍ବଲପୁର

ବିଜେଡ଼ି ସଭାପତି ଆଉ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଆଏବା ୨୭ ତାରିଖ୍ ଦିନ କେନ୍ଦ୍ରପଡ଼ା ଗସ୍ତଥି ଯିବେ । ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ାର ବାରୋ ନ ହେବାର୍‌କେ ଥିବା ଜନସଭାଥି ଯୋଗ୍ ଦେଇକରି ଦଲୀୟ ପ୍ରାର୍ଥୀଙ୍କର୍ ଲାଗି ନିର୍ବାଚନୀ ପ୍ରଚାର୍ କର୍‌ବେ ।

କଂଟାମାଲ୍ ଭୋଟ୍ ବୌଦ୍ଧ ସମ୍ବାଦଦାତା

କନ୍ଧମାଲ୍ ଲୋକ୍‌ସଭା ଆସନ୍ ଅଧୀନ୍‌ଥି ଥିବା ବୌଦ୍ଧ ଜିଲ୍ଲା କଂଟାମାଲ୍ ବିଧାନ୍‌ସଭା ଆସନ୍‌ର ୨ ଟା ବୁଥ୍ ନ ଗଲାକାଏଲ୍ ଶାନ୍ତିଶୃଙ୍ଖଲାଥି ଫେର୍‌ଘାଏ ଭୋଟ୍ ସରିଛେ । କିରାସିରା ବୁଥ୍ ନମ୍ବର୍ ୨୬ ଥି ୮୬ ପ୍ରତିଶତ୍ ଆର୍ ମହେଶ୍ୱର୍‌ପିଣ୍ଡା ବୁଥ୍ ନମ୍ବର୍ ୨୮ ଥି ୭୬ ପ୍ରତିଶତ୍ ମତଦାନ୍ ହେଇଥିବାର୍ ସୂଚ୍‌ନା ମିଲିଛେ ।

ଇନ ଜନେଇ ଦିଆଯାଇପାରେ ଯେ, ଗଲା ୨୦ ତାରିଖ୍ ଭୋଟ୍ ବେଲେ ଇ ଦୁହି ବୁଥ୍ ନ ଅନିୟମିତତା ଅଭିଯୋଗ୍ ହେଇଥିଲା । ନିର୍ବାଚନ୍ ଆୟୋଗ୍ଙ୍କର୍ ନିର୍ଦ୍ଦେଶ୍ ଅନ୍ସାରେ ଦୁହିବୁଥ୍ ନ ଫେର୍ଘାଏ ଭୋଟ୍ କରାଯାଇଥିଲା ।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦାୟିତ୍ୱ ଆର୍ଏନ୍ୟୁ /ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ଶ୍ରୀମନ୍ଦିର୍ର ମୁଖ୍ୟ ପ୍ରଶାସକ୍ ଭାବେ କୃଷି ବିଭାଗ୍ର ପ୍ରମୁଖ ଶାସନ୍ ସଚିବ ଡକ୍ଟର୍ ଅରବିନ୍ଦ ପାଢ଼ୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛେ । ଏଛେନ୍ ଅତିରିକ୍ତ ଦାୟିତ୍ୱଥି ଥିବା ବୀରବିକ୍ରମ୍ ଯାଦବ୍ ୨୧ ଦିନିଆ ବିଦେଶ୍ ଗସ୍ତଥି ଯାଉଥିବାର୍ନୁ ଡକ୍ଟର୍ ପାଢ଼ୀଙ୍କୁ ଇ ଦାୟିତ୍ୱ ଦିଆଯାଇଛେ ।

ରଥ ନିର୍ମାଣ କାର୍ଯ୍ୟ ଆର୍ଏନ୍ୟୁ/ କଟକ୍

ପୁରୀ ଶ୍ରୀକ୍ଷେତ୍ର ରଥଖଲା ନ ତିନ୍ହି ରଥର୍ ୪୨ ଟା ଯାକ ତୁମ୍ବଥି ଅର ଖଞ୍ଜାଯାଇଛେ । ତୁମ୍ବ ସାଙ୍ଗେ ଅର ସଂଯୋଗ୍ କରାଯାଇକରି ସିଙ୍ଗ୍ଢ଼ା ବନାଯାଇଛେ । କୋରାମୁଣ୍ଡାଥି ପିଟିପିଟି ସବୁ

ତୁମ୍ମାନ୍‌କେ ଅର ଖଞ୍ଜାଯାଇଛେ । ସେଆଡ଼େ ରଥଖଲା ନ ତିନ୍‌ହି ରଥର୍ ଚକା ତିଆରି ଚାଲିଛେ ।

ପାଣିପାଗ ଆର୍‌ଏନ୍‌ୟୁ /ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଇଥିବା ଲଘୁଚାପ୍ ଲାଗି ହେବାର୍‌କେ ଥିବା ବାତ୍ୟା ଆର୍ ବନ୍ୟାକେ ନେଇକରି ରାଜ୍ୟ ସ୍ୱତନ୍ତ୍ର ରିଲିଫ୍ କମିଶନର୍ - ଏସ୍‌ଆର୍‌ସି ରାଜ୍ୟର୍ ସବୁ ଜିଲ୍ଲାମାନ୍‌କୁ ଚିଠି ଲେଖିକରି ସତର୍କ କରେଇଛନ୍ । ପାଣିପାଗ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ବଙ୍ଗୋପ୍‌ସାଗର୍ ନ ଭୀଷଣ୍ ବାତ୍ୟା ସମ୍ଭାବନା ରହିଛେ । ଆଏଜ୍ ଲଘୁଚାପ୍- ଅବପାତର ରୂପ୍ ନେଇପାରେ ବଲି ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଆଏବା କାଏଲ୍ ଆର୍ ପଅର୍‌ଦିନ ତକ୍ ଅବପାତ ଭୀଷଣ୍ ବାତ୍ୟାର ରୂପ ନେଇପାରେ । ସେଆଡ଼େ ପଶ୍ଚିମ ଓଡ଼ିଶାର୍ ସୁନ୍ଦର୍‌ଗଡ଼୍ ସହେତେ ରାଜ୍ୟର୍ କେତେଟା ଜାଗା ନ ଧୁକାଗର୍ଡ଼ି ସହେତେ ଚଡ଼କ୍ ମାରିପାରେ ବଲି ପାଣିପାଗ୍ ବିଭାଗ୍ ଅନୁମାନ୍ କରିଛେ ।